## ହାଇୱା ଧକ୍କାରେ କଲେଜ କର୍ମଚାରୀ ମୃତ

ପରଜଙ୍ଗ,(ଡି.ଏନ.ଏ.):ପରଜଙ୍ଗ ଥାନା ବଡ଼କମର-ପଙ୍ଗାତାରା ପୂର୍ତ୍ତ ବିଭାଗ ରାସ୍ତାର କୁତୁରିଆ ଛକରେ ଗୁରୁବାର ହାଇୱା ଧକ୍କାରେ ମହାବିରୋଡ କଲେଜର କର୍ମଚାରୀ କମଳ ଲୋଚନ ହାତୀଙ୍କ ମୃତ୍ୟୁ ଘଟିଛି। ସହକର୍ମୀ ମୁରଲୀଧର ସାହୁ ଗୁରୁତର ହୋଇଛନ୍ତି। ଦୁହେଁ ଏକ ସ୍କୁଟିରେ ମହାବିରୋଡ ଯାଉଥିବାବେଳେ ଉକ୍ତ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ କମଳଲୋଚନଙ୍କ ମୃତ୍ୟୁ ଘଟିଥିଲା। ମୁରଲୀଧରଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

# ପର୍ଯ୍ୟଟକଙ୍କୁ ଟାଣୁଛି ବାଜି ଉଦ୍ୟାନ

ବିପିନ ବିହାରୀ ସେଠୀ
ଭୁବନ, ୨୧।୧



- ଫାର୍ମ ହାଉସ୍‌ରେ ପିକ୍‌ନିକ୍‌ର ମଜା
- ୧୫ ଏକରରେ ପରିବ୍ୟାପ୍ତ ହୋଇଛି
- ଫୁଲ, ଫଳ ବଗିଚା ପ୍ରମୁଖ ଆକର୍ଷଣ

ଆମ୍ବ, ନଡ଼ିଆ, ପଣସ। ଗେଣ୍ଡୁ, ରଜନୀଗନ୍ଧା, ଡାଲିଆ, ଗୋଲାପ। ଏମିତି ଅନେକ ଜାତିଜାତିକା ଫୁଲଫଳ ସମେତ କ୍ରୋଟନ ଗଛରେ ଭରପୂର। ୧୫ ଏକର ପରିବ୍ୟାପ୍ତ ଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ। ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ସାଙ୍ଗକୁ ନଦୀପଠାର ଶାନ୍ତ ପରିବେଶ ଭାରାକ୍ରାନ୍ତ ମନକୁ ସାମୟିକ ଭାବେ ହାଲୁକା କରିବାରେ ସକ୍ଷମ। ଖାସ୍ ଏହି କାରଣରୁ ପର୍ଯ୍ୟଟନ ସମ୍ଭାରରେ ଭରପୂର ଭୁବନ ବ୍ଲକର ଶହୀଦ ଗ୍ରାମ ନୀଳକଣ୍ଠପୁରର ବାଜି ରାଉତ ଉଦ୍ୟାନକୁ ଛୁଟୁଛନ୍ତି ପର୍ଯ୍ୟଟକ। ବର୍ଷତମାମ ଏଠାକୁ ଜିଲା ତଥା ଜିଲା ବାହାରର ବହୁ ପର୍ଯ୍ୟଟକ ଆସୁଥିଲେ ହେଁ, ପର୍ଯ୍ୟଟନ ଋତୁରେ ଏହା ପାଲଟିଛି ବଣଭୋଜିର ଭଲ ଠିକଣା।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ପଶ୍ଚିମ ଦିଗରେ ରହିଛି ବାଜି ରାଉତ ଫାର୍ମ। ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ସ୍ମୃତିରେ ୧୯୭୦ରେ ଉଦ୍ୟାନ ବିଭାଗ ପକ୍ଷରୁ ଏହାର ପରିକଳ୍ପନା କରାଯାଇଥିଲା। ସମୟ କ୍ରମେ ଏହାର କଳେବର ବଦଳିଛି। ଆମ୍ବ, ପଣସ, ନଡ଼ିଆ, କଦଳୀ, ପିଜୁଳି ସାଙ୍ଗକୁ ବିଭିନ୍ନ ଫଳ ଗଛ ଲଗାଯାଇଛି। ଦେଶୀ ଏବଂ ବିଦେଶୀ ଫୁଲଗଛ ସାଙ୍ଗକୁ ବିଭିନ୍ନ ପ୍ରଜାତିର କ୍ରୋଟନ ଗଛ ଉଦ୍ୟାନର ଶୋଭା ବଢ଼ାଉଛି। ବାଜି ରାଉତ ସେତୁ ନିର୍ମାଣ ପୂର୍ବରୁ ଏହି ସ୍ଥାନ ଲୋକଲୋଚନର ଅନ୍ତରାଳରେ ରହିଯାଇଥିଲା। ସେତୁ ନିର୍ମାଣ ପରେ ଯୋଗାଯୋଗ ସୁଗମ ହେବାରୁ ଏବେ ଏହି ଉଦ୍ୟାନ ପାଲଟିଛି ଟୁରିଷ୍ଟ ଡେଷ୍ଟିନେଶନ। ପ୍ରକୃତି କୋଳରେ କିଛି ସମୟ ଅତିବାହିତ କରିବାକୁ ଢେଙ୍କାନାଳ ସମେତ ପଡ଼ୋଶୀ କଟକ, ଅନୁଗୋଳ, ଯାଜପୁର, କେନ୍ଦୁଝର ଜିଲାର ବହୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ବାଜି ରାଉତ ଉଦ୍ୟାନ ପର୍ଯ୍ୟଟକଙ୍କ ଠିକଣା ପାଲଟିଥିବାରୁ ଏଠାରେ ଗଢ଼ି ଉଠିଛି ଦୋକାନବଜାର। ଉଦ୍ୟାନ ରକ୍ଷଣାବେକ୍ଷଣ ଲାଗି ଉଦ୍ୟାନ ବିଭାଗ ପକ୍ଷରୁ ଜଣେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି।

ଅପରପକ୍ଷେ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକ ଚାହିଁଲେ ଶହୀଦ ବାଜି ରାଉତଙ୍କ ଜନ୍ମସ୍ଥାନ ନୀଳକଣ୍ଠପୁର, ୩ କିମି ଦୂରରେ ଥିବା ଏସିଆ ମହାଦେଶର ସର୍ବବୃହତ୍ ଗ୍ରାମ ଭୁବନର କଂସାପିତ୍ତଳ କାରିଗରି, ଐତିହାସିକ ବୁଦ୍ଧେଶ୍ୱର ଶୈବପୀଠ ବୁଲି ଦେଖିପାରିବେ। ଢେଙ୍କାନାଳ ଦେଇ ଆସୁଥିବା ପର୍ଯ୍ୟଟକ ପର୍ଯ୍ୟାୟକ୍ରମେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା, ପୁରାଣ ପ୍ରସିଦ୍ଧ କପିଳାସ ଶୈବପୀଠ, ତପୋବନ ଏବଂ ଦତ୍ତାତ୍ରେୟ ସାଇ ମନ୍ଦିର ଦର୍ଶନ କରିପାରିବେ। ତେବେ ଏତେ ବଡ଼ ଉଦ୍ୟାନର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଲାଗି ନିଆଯାଇଥିବା ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଉଦ୍ୟାନ ଚାରିପଟେ ସୁରକ୍ଷା ପାଚେରି ନାହିଁ। ସ୍ଥାନ ତୁଳନାରେ ଅଧିକ ଫୁଲ ଗଛ ଲଗାଯାଇ ସାଜସଜ୍ଜା ସହିତ ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କରାଗଲେ ବାଜି ରାଉତ ଉଦ୍ୟାନର ସୁନାମ ଆହୁରି ବଢ଼ିବ ବୋଲି ସେମାନେ ମତ ଦେଇଛନ୍ତି।

### ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ



ବାଜି ରାଉତ ଫାର୍ମହାଉସ୍ ପାରିବାରିକ ପିକ୍‌ନିକ ପାଇଁ ପ୍ରକୃଷ୍ଟ ସ୍ଥାନ। ଏହାର ମନଲୋଭା ପରିବେଶରେ ଆକୃଷ୍ଟ ହୋଇ ଜିଲା ତଥା ଜିଲା ବାହାର ପର୍ଯ୍ୟଟକମାନେ ଆସୁଛନ୍ତି। ପଞ୍ଚାୟତ ସମିତି ପକ୍ଷରୁ ଅନୁଦାନ ମଞ୍ଜୁର କରାଯାଇ ଏହାକୁ ନୂଆ ରୂପ ଦିଆଯିବ। ପର୍ଯ୍ୟଟକଙ୍କୁ ସୁହାଇବା ଭଳି ସମସ୍ତ ବ୍ୟବସ୍ଥା କରାଯିବ। ଏଥିଲାଗି ଯୋଜନା ପ୍ରସ୍ତୁତ କରାଯାଉଛି।

-ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲାପାଳ

### ଉଦ୍ୟମ ହେଲେ ବଢ଼ିବ ଗୁରୁତ୍ୱ



ବାଜି ରାଉତଙ୍କ ଜନ୍ମସ୍ଥାନ ନୀଳକଣ୍ଠପୁର ସମେତ ଆଖପାଖ ଅଞ୍ଚଳ ପର୍ଯ୍ୟଟନ ସମ୍ଭାରରେ ଭରପୂର। ହେଲେ ଶହୀଦ ମାଟିର ବିକାଶ ଲାଗି ସରକାରଙ୍କ ଆନ୍ତରିକତା ନ ଥିବା ପରି ମନେହୁଏ। ସରକାରୀସ୍ତରରେ ଉଦ୍ୟମ ହେଲେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଭୁବନ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରନ୍ତା। ଏଥିସହିତ ବାଜି ରାଉତ ଉଦ୍ୟାନର ଗୁରୁତ୍ୱ ବଢ଼ନ୍ତା।

-କାଳିନ୍ଦୀ କୁଅଁର, ପୂର୍ବତନ ଜିଲା ପରିଷଦ ସଭ୍ୟ

### ବିକାଶ ପାଇଁ ଦୃଷ୍ଟି ଦିଆଯାଉ



କିଛିବର୍ଷ ହେଲା ବାଜି ଉଦ୍ୟାନ ଫାର୍ମ ହାଉସ ନୂଆ ଟୁରିଷ୍ଟ ଡେଷ୍ଟିନେଶନ ପାଲଟିଛି। ପୂର୍ବରୁ ଏହି ସ୍ଥାନ ନଜର ଆଢୁଆଳରେ ରହିଯାଇଥିଲା। ବ୍ରାହ୍ମଣୀ ବ୍ରିଜ୍ ନିର୍ମାଣ ହେବା ପରେ ଏଠାକୁ ବିଭିନ୍ନ ସ୍ଥାନରୁ ବହୁ ଲୋକଙ୍କ ସମାଗମ ହେଉଛି। ଉଦ୍ୟାନ ବିଭାଗ ଏବଂ ଜିଲା ପ୍ରଶାସନ ନଜର ଦେଲେ ଏହା ଜିଲାର ଶ୍ରେଷ୍ଠ ପିକ୍‌ନିକ୍ ସ୍ପଟ୍ ଭିତରୁ ଗୋଟିଏ ହୋଇପାରିବ।

-ରୁବାନା ରଞ୍ଜିତା ଚୌଧୁରୀ, ଗ୍ରାମବାସୀ

### ବ୍ରାହ୍ମଣୀ ନଦୀର ପରିବେଶ ମନୋରମ



ପରିବାର, ସାଙ୍ଗସାଥୀଙ୍କ ସହ ବଣଭୋଜି କରିବା ଲାଗି ବାଜି ରାଉତ ଉଦ୍ୟାନ ଏକ ଭଲ ସ୍ଥାନ। ବାଜି ରାଉତଙ୍କ ଜନ୍ମମାଟି ହୋଇଥିବାରୁ ଏହାର ଐତିହାସିକ ଗୁରୁତ୍ୱ ମଧ୍ୟ ରହିଛି। ଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ପରିବେଶ ବେଶ୍ ମନୋରମ। ସରକାର ଏହି ଉଦ୍ୟାନର ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

-ବିଜୁଳିବତି ବେହେରା, ଗ୍ରାମବାସୀ

## କପିଳାସ ପ୍ରାଣୀ ଉଦ୍ୟାନକୁ ଆସିବ ଜଳହସ୍ତୀ

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଏହାକୁ ନଜରରେ ରଖି ଚିଡ଼ିଆଖାନା କର୍ତ୍ତୃପକ୍ଷ ପ୍ରାଣୀ ସଂଖ୍ୟା ବଢ଼ାଇବାକୁ ଯୋଜନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏଠାକୁ ଏକ ଜଳହସ୍ତୀ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଏଥିପୂର୍ବରୁ ଏକ କଲରା ପତରିଆ ବାଘ ଆଣିବା ଲାଗି ଆଲୋଚନା ଚାଲିଛି।

ଜଳହସ୍ତୀ ରହିବା ପାଇଁ ପ୍ରାଣୀ ଉଦ୍ୟାନର ଭିତ୍ତିଭୂମି ରହିଛି । ଏହାର ପରିସରରେ ତାରବାଡ଼ ଘେରା ୩ ବଡ଼ ଜଳାଶୟ ରହିଛି। ସେଥିରୁ ଗୋଟିଏରେ ବୋଟିଂ ବ୍ୟବସ୍ଥା କରାଯାଇଥିବା ବେଳେ ଆଉ ଗୋଟିଏ କୁମ୍ଭୀର ପାଇଁ ସଂରକ୍ଷିତ। ଖାଲି ପଡ଼ିଥିବା ଜଳାଶୟରେ ଜଳହସ୍ତୀ ରହିପାରିବ। ନନ୍ଦନକାନନ ଯାଇ ଅନୁଧ୍ୟାନ କରିବା ପରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୬.୬୪ ହେକ୍ଟର ପରିମିତ କପିଳାସ ପ୍ରାଣୀ ଉଦ୍ୟାନରେ ୨୪୭ ଜୀବଜନ୍ତୁ ଓ ପକ୍ଷୀ ଅଛନ୍ତି। ସେଥିରୁ ୧୬୦ ହରିଣ। ଏହାକୁ ବାଦ୍‌ଦେଲେ ୬ ହାତୀ, ଭାଲୁ, ବାର୍‌ହା, ଶମ୍ବର, ମିଥୁନ ଗାଈ, କୁମ୍ଭୀର, ଅଜଗର, କଇଁଛ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ପର୍ଯ୍ୟଟକଙ୍କ ମନୋରଞ୍ଜନ କରୁଛନ୍ତି। ୨୦୧୮ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ମୋଟ ୧୨,୮୮୧ ପର୍ଯ୍ୟଟକ ଚିଡ଼ିଆଖାନା ବୁଲି ଦେଖିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଆଜି ଉଦ୍‌ଘାଟନ ହେବ ହକି ତାଲିମ କେନ୍ଦ୍ର

ଢେଙ୍କାନାଳ ଅଫିସ, ୨୧।୧: ଢେଙ୍କାନାଳରେ ଓଡ଼ିଶା ନାଭାଲ ଟାଟା ହକି ତାଲିମ ସେଣ୍ଟର ଶୁକ୍ରବାରଠାରୁ କାର୍ଯ୍ୟକ୍ଷମ ହେବ। ସ୍ଥାନୀୟ ଷ୍ଟାଡିୟମରେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଏ ସଂକ୍ରାନ୍ତରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗତ ୧୫ ତାରିଖରେ ପତ୍ର ସଂଖ୍ୟା ନଂ. ୩୬୨ରେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଅବଗତ କରାଯାଇଛି। ଢେଙ୍କାନାଳ ବ୍ୟତୀତ ଦେବଗଡ଼ ଜିଲାରେ ମଧ ଏଭଳି ଏକ କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ହକିକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି କୁହନ୍ତି, ନାଭାଲ ଟାଟା ହକି ତାଲିମ କେନ୍ଦ୍ର ଆରମ୍ଭ ହେବା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଏହାର ଉଦ୍‌ଘାଟନ ହେବ। ତେବେ ତାଲିମ କେନ୍ଦ୍ରରେ କ'ଣ ସବୁ ବ୍ୟବସ୍ଥା ରହିବ ସେ ସଂକ୍ରାନ୍ତରେ ସୂଚନା ପ୍ରଦାନ କରାଯାଇ ନ ଥିବା ସେ କହିଛନ୍ତି।

### ୧୧ କେଭି ତାର ଲାଗି ଜଳିଗଲେ ନାବାଳକ

କାମାକ୍ଷାନଗର, ୨୧।୧(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ଅନନ୍ତପୁର ସାହିରେ ଗୁରୁବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରଦୀପ୍ତ ବିଶ୍ୱାଳଙ୍କ ୧୪ ବର୍ଷର ପୁଅ ବୈକୁଣ୍ଠ ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ଅଧିକାଂଶ ଅଂଶ ଜଳିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବୈକୁଣ୍ଠ ନିଜର ଦୁଇ ମହଲା କୋଠା ଉପରେ ଥିବା ଗଛରେ ପାଣି ଦେଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

### ୨୬ରେ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ

ଢେଙ୍କାନାଳ ଅଫିସ, ୨୧।୧: ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ଢେଙ୍କାନାଳ ମିନି ଷ୍ଟାଡିୟମରେ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହାକୁ ଆକର୍ଷଣୀୟ କରିବାକୁ ଗୁରୁବାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଲୋକନାଥ ଜେନାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ପୁଷ୍ପ ପ୍ରଦର୍ଶନୀ, ବିକ୍ରୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାକୁ କାଣ୍ଟଛାଣ୍ଟ ହେବ। ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରଦର୍ଶନୀ ଆୟୋଜନ କମିଟିର ସଦସ୍ୟ ପ୍ରଦ୍ୟୁମ୍ନ ରଥ, ବିରଞ୍ଚି ନାରାୟଣ ପାଣି, ରାଜକିଶୋର ବେହେରା, ଅଖିଳ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସଂଘମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସତ୍ୟାନନ୍ଦ ସଭାପତି, ଦିଲୀପ ସମ୍ପାଦକ

ଢେଙ୍କାନାଳ ଅଫିସ, ୨୧।୧: ଢେଙ୍କାନାଳ ଜିଲା ଟ୍ରକ୍ ମାଲିକ ସଂଘର ୨୦୨୧-୨୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।




ସଭାପତି ଭାବେ ସତ୍ୟାନନ୍ଦ ବଳସାମନ୍ତ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ବୈଶାଖ, ସାଧାରଣ ସମ୍ପାଦକ ଦିଲୀପ ବେହେରା, ଉପସଭାପତି ଜଗଦୀଶ ପଟ୍ଟନାୟକ, ଦିଲୀପ ସାହୁ, ଯୁଗ୍ମ ସମ୍ପାଦକ ସୁଶୀଳ ରାଉତ, ଶରତ ସାହୁ, କୋଷାଧକ୍ଷ ଭାବେ ଅମରେନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି। ସଞ୍ଜୟ ଦାସ, ପ୍ରକାଶ ବେହେରା, ସନ୍ତୋଷ ମହାପାତ୍ର, ରାଜେଶ ସାହୁ, ବିଭୂତି ଭୂଷଣ ସାହୁ, ରାଜେନ୍ଦ୍ର ସାହୁ, ଅଶୋକ ସାହୁ, ସମର ନାୟକ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଭରତ ହାତୀଙ୍କୁ ଆଇନ ପରାମର୍ଶଦାତା ଏବଂ ଦିଗାମ୍ବର ବେହେରା, ବସନ୍ତ ମହାପାତ୍ରଙ୍କୁ ଉପଦେଷ୍ଟା ଦାୟିତ୍ୱ ପ୍ରଦାନ କରାଯାଇଛି।

# ବେଆଇନ ଖଣି ବନ୍ଦ ଦାବି

ହିନ୍ଦୋଳ, ୨୧।୧(ଡି.ଏନ.ଏ.)

- ବେଡ଼ାପଡ଼ାରେ ପଥର ମାଫିଆଙ୍କ ଆତଙ୍କରାଜ
- ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତ ବେଡ଼ାପଡ଼ା ଗ୍ରାମରେ ପଥର ମାଫିଆ ଆତଙ୍କରାଜ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ବ୍ୟକ୍ତିଗତ ଜମିରୁ ସେମାନେ ଜବରଦସ୍ତ ପଥର ଖୋଳି ନେଉଛନ୍ତି। ଏ ନେଇ ଗୁରୁବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ହିତାଧିକାରୀ। ଏହାର ପ୍ରତିକାର ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଉପଜିଲାପାଳ ଅଭିଯୋଗ ଗ୍ରହଣ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମର କେତେଜଣ ପଥର ମାଫିଆ ୨ବର୍ଷ ହେଲା ବେଡାପଡା ମୌଜାର ଖାତା ନଂ. ୨୨, ପ୍ଲଟ୍ ନଂ. ୧୧୭୬, ୨୭୬୮, ୧୧୫୭, ୧୧୭୨, ୧୧୫୫ରେ ଥିବା ବ୍ୟକ୍ତିଗତ ଜମିରୁ କଳାମୁଗୁନି ପଥର ଉତ୍ତୋଳନ କରୁଛନ୍ତି। ବିରୋଧ କଲେ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଜମିର ମାଲିକମାନେ ପୋଲିସ ଏବଂ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ସୁଫଳ ମିଳୁନାହିଁ। ପଥର ବିସ୍ଫୋରଣରେ ଘର ଫାଟିଗଲାଣି। ଗମନାଗମନ ଅସୁରକ୍ଷିତ ହୋଇପଡ଼ିଛି। ପଥର ଖଣ୍ଡ ପଡ଼ି ଜମି ଚାଷ ଅନୁପଯୋଗୀ ହୋଇଗଲାଣି। ଭାରିଯାନ ଚଳାଚଳ ଯୋଗୁ ରାସ୍ତା ନଷ୍ଟ ହୋଇଯାଇଛି। ପଥର ଉତ୍ତୋଳନରେ ନିୟୋଜିତ ଟ୍ରକ୍, ହାଇୱା ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତୁରନ୍ତ ଉକ୍ତ ବେଆଇନ ଖଣି ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

## 'ସିଟି ହସ୍ପିଟାଲ କାର୍ଯ୍ୟକ୍ଷମ କର'

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳରେ ସିଟି ହସ୍ପିଟାଲ କାର୍ଯ୍ୟକ୍ଷମ କରିବା ପାଇଁ ବୁଧବାର ଜନ ଜାଗ୍ରତ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ପୁରୁଣା ଜିଲା ଚିକିତ୍ସାଳୟକୁ ସିଟି ହସ୍ପିଟାଲ କରିବା ଲାଗି ଦୁଇ ବର୍ଷ ହେଲା ଦାବି କରାଯାଉଛି। ଏହାକୁ କେହି ଗମ୍ଭୀରତାର ସହ ନେଉନାହାନ୍ତି। ସଦର ବ୍ଲକ ଦୁର୍ଗାପ୍ରସାଦକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ରାଜ୍ୟ ସରକାର ଏବଂ ପ୍ରଶାସନକୁ ଅବଗତ କରାଯାଇଥିଲା। ଅଦ୍ୟାବଧି ଏହା ହୋଇପାରିଲାନାହିଁ। ଦୁର୍ଗାପ୍ରସାଦ ଗ୍ରାମରେ ୧୦୦ ଏକର ବିଶିଷ୍ଟ ବଡ଼ ପୋଖରୀ ରହିଛି। ଏହାର ଉନ୍ନତିକରଣ କରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା, ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ, ମେଡିକାଲ କଲେଜ ପ୍ରତିଷ୍ଠା କରିବା ଲାଗି ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସଭାପତି ସୁରେନ୍ଦ୍ର ଦଳେଇ, ସମ୍ପାଦକ ଦିଲୀପ ମଲ୍ଲିକ, ପି.ସି. ନାଥ, ରବିନାରାୟଣ ମହାନ୍ତି, ପଙ୍କଜ ଲୋଚନ ସାହୁ, ସାଗିର ମହମ୍ମଦ, ଅନିଲ ଦାସ, କୈଳାସ ସେଠୀ, ସଦାଶିବ ମହାପାତ୍ର, କଲ୍ୟାଣ କାନୁନ୍‌ଗୋ, ଭଜମନ ବିଶ୍ୱାଳ, ଟଙ୍କଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତି ଦାବିରେ ଅନଶନ



ଜ୍ୟୋତିର୍ମୟୀ ଜେନା ଧାରଣାରେ ବସିଛନ୍ତି।

ପରଜଙ୍ଗ, ୨୧।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମ ନିକଟରେ ଥିବା ଜିଏମ୍ ଆଇରନ୍ ପ୍ଲାଣ୍ଟ ଦୀର୍ଘଦିନ ବନ୍ଦ ରହିବା ପରେ ପୁନଃ କାର୍ଯ୍ୟକ୍ଷମ ହୋଇଛି। ଏହାପରେ ୪୫ କର୍ମଚାରୀଙ୍କୁ କାମରେ ନିୟୋଜିତ କରାଯାଇଛି। ଅନ୍ୟ ୬ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ସେମାନଙ୍କ ମଧ୍ୟରେ ଅଛନ୍ତି କୁଲେଇ ଗ୍ରାମର ଜ୍ୟୋତିର୍ମୟୀ ଜେନା। ବାରମ୍ବାର ଗୁହାରି କରିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ଦାବି ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ସେ ଗୁରୁବାର ପ୍ଲାଣ୍ଟର ମୁଖ୍ୟ ଫାଟକ ସମ୍ମୁଖରେ ଅନଶନରେ ବସିଥିଲେ। ସୂଚନା ପାଇ ପରଜଙ୍ଗ ପୋଲିସ ପହଞ୍ଚି ଧାରଣାରତ ମହିଳାଙ୍କୁ ବୁଝାଶୁଝା କରିଥିଲା। ଆସନ୍ତା ୨୭ ତାରିଖରେ ପ୍ଲାଣ୍ଟ ମାଲିକଙ୍କ ଉପସ୍ଥିତିରେ ଆଲୋଚନା କରାଯିବା ଲାଗି ପ୍ରତିଶ୍ରୁତି ଦିଆଯିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ସମୟରେ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସାହୁଙ୍କ ସମେତ କେତେଜଣ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ କାୟାକଳ୍ପ ଟିମ୍

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳରେ ୩ଦିନ ଧରି କାୟାକଳ୍ପ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଗୁରୁବାର କାୟାକଳ୍ପ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ଡା. ପ୍ରତିଭା ପ୍ରଧାନ, ଡା. ଅସିତ ମହାନ୍ତି, ଡା. ଶ୍ରୀପତି ଦାସ ମହାପାତ୍ର ପ୍ରମୁଖ ପରିଦର୍ଶନରେ ଆସିଥିଲେ। ଚିକିତ୍ସାଳୟ ପରିସରରେ ସ୍ୱଚ୍ଛତା, ପରିଷ୍କାର, ପରିଛନ୍ନତା ଆଦି ଦେଖିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ରଙ୍କ ସମେତ ଚିକିତ୍ସାଳୟ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୁହନ୍ତି, ଗତ ୩ଦିନ ଧରି କାୟାକଳ୍ପ ଦଳ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଏ ସଂକ୍ରାନ୍ତରେ ସେମାନେ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ।



ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍‌ର ସଦସ୍ୟମାନେ।

# ବୃଦ୍ଧଙ୍କୁ ଚାପିଦେଲା ଟ୍ରକ୍, ଉତ୍ତେଜନା

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ବାଜିଚୌକ ଓଭରବ୍ରିଜ ନିକଟରେ ଗୁରୁବାର ମଧ୍ୟାହ୍ନରେ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୨ଟା ୨୦ରେ ତାରା ରାଉତ (୮୦) ବାଜିଚୌକ୍ ଓଭରବ୍ରିଜ୍ ନିକଟ ରାସ୍ତାରେ ଘରକୁ ଯାଉଥିଲେ। ଏହି ସମୟରେ ଭୁବନରୁ ନର୍ଭେରାମ କମ୍ପାନୀକୁ ଯାଉଥିବା ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଅଢ଼େଇ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସୂଚନା ପାଇ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଲକ୍ଷ୍ମୀଧର ରାଉତ, ଟାଉନ ଥାନାଧିକାରୀ ନମିତା ନାୟକ ପ୍ରମୁଖ ପୋଲିସ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ନୋ-ଏଣ୍ଟ୍ରି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ଏ ସଂକ୍ରାନ୍ତରେ ନଂ. ୩୬/୨୧ରେ ମାମଲା ରୁଜୁ ହୋଇଛି। ଟ୍ରକ୍ ଜବତ କରାଯିବା ସହ ଚାଳକ କୁଳମଣି ପ୍ରଧାନଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।



ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

- ଅଢ଼େଇ ଘଣ୍ଟା ଅଟକିଲା ଯାତାୟାତ
- ୨୦ ହଜାର ଟଙ୍କା କ୍ଷତିପୂରଣ
- ଗାଡ଼ି ଜବତ, ଡ୍ରାଇଭର ଗିରଫ

# ପଢ଼ାରେ ବାଧକ ୨ ଗୁଣ ବସ୍ ଭଡ଼ା

ବଇଣ୍ଡା,୨୧।୧(ଡି.ଏନ.ଏ.)

କେବେଠୁ ଉଠିଗଲାଣି ଲକ୍‌ଡାଉନ୍। କଣ୍ଟେନମେଣ୍ଟ ଜୋନ୍ ବ୍ୟତୀତ ସବୁଠି କୋହଳ ହୋଇସାରିଛି କୋଭିଡ୍ କଟକଣା। ସହର, ବଜାର ସ୍ଥିତି ସ୍ୱାଭାବିକ ହୋଇସାରିଥିବା ବେଳେ ସରକାରୀ, ବେସରକାରୀ ଅଫିସ ସହ କୋର୍ଟ କାର୍ଯ୍ୟ ମଧ୍ୟ ପୂର୍ବପରି ଚାଲିଛି। ଧର୍ମାନୁଷ୍ଠାନ ପରେ ଶିକ୍ଷାନୁଷ୍ଠାନକୁ ଖୋଲି ଦିଆଯାଇଛି। ସହରରୁ ସହର କି ଆନ୍ତଃରାଜ୍ୟ ବସ୍ ଚଳାଚଳରେ କୌଣସି ପ୍ରତିବନ୍ଧକ ନାହିଁ। ୫୦ ପ୍ରତିଶତ ସ୍ଥାନରେ ପୂର୍ଣ୍ଣ ସିଟ୍‌ରେ ଯାତ୍ରୀ ପରିବହନ କରାଯାଉଛି। କିନ୍ତୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଦେଇ ଚଳାଚଳ କରୁଥିବା କେତେକ ବସ୍‌ରେ ଲକ୍‌ଡାଉନ ବେଳର ୨ ଗୁଣ ଭଡ଼ା ଯାତ୍ରୀଙ୍କ ନିକଟରୁ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏସବୁ ବସ୍ କଣ୍ଡକ୍ଟରଙ୍କ ଶୋଷଣ ମନୋଭାବ ଯୋଗୁ ସବୁଠାରୁ ଅଧିକ ଅସୁବିଧାରେ ପଡୁଛନ୍ତି କଲେଜ ଛାତ୍ରୀଛାତ୍ର। ଏତେ ଅର୍ଥ ଦେବାକୁ ସାମାର୍ଥ୍ୟ ନ ଥିବାରୁ ବହୁ ଗରିବ ଛାତ୍ରୀଛାତ୍ର ପ୍ରତିଦିନ କଲେଜ ନ ଆସି ଦୁଇ ଦିନରେ ଥରେ ଆସୁଛନ୍ତି। ଫଳରେ ୯ ମାସ ପରେ ମହାବିଦ୍ୟାଳୟ ଖୋଲିଥିଲେ ମଧ୍ୟ ଚଢ଼ା ବସ୍ ଭଡ଼ା ସେମାନଙ୍କ ପଢ଼ାରେ ବାଧକ ସାଜୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି।


ବିଶ୍ରାମାଗାର ନ ଥିବାରୁ କଲେଜ ଛାତ୍ରୀଛାତ୍ରମାନେ ରାଜପଥ ପାର୍ଶ୍ୱରେ ଖରାରେ ଠିଆ ହୋଇଛନ୍ତି।

ଗତ ୮ ତାରିଖଠାରୁ ଯୁକ୍ତ୨ ଓ ୧୧ ତାରିଖରୁ ଯୁକ୍ତ୩ ମହାବିଦ୍ୟାଳୟ ଖୋଲାଯାଇଥିବାରୁ କିଶୋରନଗର ବ୍ଲକର ବଇଣ୍ଡା ଜନତା ମହାବିଦ୍ୟାଳୟରେ ଉପସ୍ଥାନ ବଢ଼ିବାରେ ଲାଗିଛି। ଯୁକ୍ତ ୨ କଳାରେ ୧୯୨, ବିଜ୍ଞାନରେ ୬୩ ଓ ଯୁକ୍ତ ୩ରେ ୧୨୦ ଛାତ୍ରୀଛାତ୍ର ଏଠାରେ

- ସମସ୍ୟାରେ ବଇଣ୍ଡା ଜନତା ମହାବିଦ୍ୟାଳୟ ଛାତ୍ରୀଛାତ୍ର
- କରୋନା ସମୟ କହି ଅଧିକ ଅର୍ଥ ନିଆଯାଉଛି
- ଗରିବ ପିଲା ୨ ଦିନରେ ଥରେ ଆସୁଛନ୍ତି କଲେଜ

ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ଦୈନିକ ବସ୍‌ରେ ଯାତାୟାତ କରିଥାନ୍ତି। କିନ୍ତୁ ୨ ଗୁଣ ବସ୍ ଭଡ଼ା ଆଦାୟ କରାଯିବା ସେମାନଙ୍କୁ ଚିନ୍ତାରେ ପକାଇଛି। ଅନେକ ଗରିବ ଛାତ୍ରୀଛାତ୍ର ଦୈନିକ ୫୦ ଟଙ୍କାରୁ ଅଧିକ ବସ୍‌ଭଡ଼ା ଦେବାକୁ ସକ୍ଷମ ନୁହନ୍ତି। ବିରୋଧ କଲେ ମଧ୍ୟ କଣ୍ଡକ୍ଟରମାନେ ୨ ଗୁଣ ଭଡ଼ା ଆଦାୟ କରୁଛନ୍ତି। ତେଣୁ ସେମାନେ ଦୁଇଦିନରେ ଥରେ କଲେଜ ଆସିବାକୁ ବାଧ ହେଉଥିବା ନାମ ଗୋପନ ରଖି କେତେଜଣ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ସେହିପରି କଲେଜରେ ଶୌଚାଳୟଟିଏ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲେଜ ସମ୍ମୁଖ ୫୫ ନଂ. ରାଜପଥ ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ରାସ୍ତା ସମ୍ପ୍ରସାରଣ ପାଇଁ ଭାଙ୍ଗି ଦିଆଯାଇଛି। ଦୀର୍ଘ ୨ ବର୍ଷ ବିତଯାଇଥିଲେ ମଧ୍ୟ ନୂତନ ଭାବେ ଏହା ନିର୍ମାଣ କରାଯାଉ ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଠିକାସଂସ୍ଥା କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଖରାରେ ବସ୍‌କୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ମାର୍ଚ୍ଚ ୨୦୨୦ରେ ବିଧାୟକ ରମେଶଚନ୍ଦ୍ର ସାଏ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଠିକାସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବି ତାହା କାର୍ଯ୍ୟକାରୀ ହୋଇନାହିଁ। ଅସୁବିଧା ସମ୍ପର୍କରେ ଜିଲାପାଳ ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ଓ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

### ବିଶ୍ରାମାଗାରଟିଏ ନିର୍ମାଣ ଜରୁରୀ



"ପାଖାପାଖି ବର୍ଷେ ପରେ କଲେଜ ଆସୁଛୁ। କିନ୍ତୁ ରାସ୍ତା ନିର୍ମାଣ ପାଇଁ ଭାଙ୍ଗିଦିଆଯାଇଥିବା ବିଶ୍ରାମାଗାର ଏଯାଏ ତିଆରି କରାଗଲା ନାହିଁ। ବାରମ୍ବାର ଅଭିଯୋଗ ପରେ ବି ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଖରା ଟାଣ ଧରିବା ପୂର୍ବରୁ ବିଶ୍ରାମାଗାରଟିଏ ନିର୍ମାଣ ଅତି ଜରୁରୀ ହୋଇପଡ଼ିଛି।

-ରୋଜାଲିନ ବେହେରା, ଛାତ୍ରୀ

### ପ୍ରଶାସନର ଆଗ୍ରହ ନାହିଁ



"୯ ମାସ କଲେଜ ବନ୍ଦ ରହିଲା। ଅସୁବିଧା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଓ ପ୍ରଶାସନ ଜାଣିଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଗଲା ନାହିଁ। ଶିକ୍ଷାନୁଷ୍ଠାନର ଉନ୍ନତି ଓ ଛାତ୍ରୀଛାତ୍ରଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପ୍ରଶାସନର ଆଗ୍ରହ ନ ଥିବା ଏଥିରୁ ଜଣାପଡୁଛି।

-ସିଦ୍ଧାନ୍ତ କୁମାର ପ୍ରଧାନ, ଛାତ୍ର

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ



"କିଶୋରନଗର ବ୍ଲକ ଅଞ୍ଚଳ ଦେଇ ଯାତାୟାତ କରୁଥିବା କେତୋଟି ବସ୍ ଯାତ୍ରୀଙ୍କଠାରୁ ୨ଗୁଣ ଭଡ଼ା ଆଦାୟ କରୁଥିବା ସମ୍ପର୍କରେ ପ୍ରଶାସନ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଏହାର ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପରିବହନ ବିଭାଗକୁ ଅବଗତ କରାଯିବ।

-ଡ. ଲକ୍ଷ୍ମୀପ୍ରସାଦ ସାହୁ, ତହସିଲଦାର, କିଶୋରନଗର

### ଶୌଚାଳୟ ନ ଥିବା ଅସୁବିଧାରେ ପକାଉଛି



"କଲେଜରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ଏଥିପାଇଁ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ପ୍ରତି ସ୍କୁଲ, କଲେଜରେ ସ୍ୱଚ୍ଛ ପରିବେଶ ସହ ଶୌଚାଳୟ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେଉଥିଲେ ମଧ୍ୟ ଜନତା ମହାବିଦ୍ୟାଳୟରେ ଆଜିଯାଏ ଶୌଚାଳୟଟିଏ ନିର୍ମାଣ କରାଯାଇପାରୁନି।

-ଲକ୍ଷ୍ମୀପ୍ରିୟା ସାହୁ, ଛାତ୍ରୀ

### ବହୁବାର ଅଭିଯୋଗ କରାଯାଇଛି



"କଲେଜରେ ଆବଶ୍ୟକ ପରିମାଣର ଶୌଚାଳୟ ନ ଥିବାବେଳେ ଯାତ୍ରୀ ବିଶ୍ରାମାଗାର ଭାଙ୍ଗି ଦିଆଯାଇଥିବାରୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏ ନେଇ ପ୍ରଶାସନକୁ କଲେଜ ପକ୍ଷରୁ ନିବେଦନ କରାଯିବ। ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଠିକାସଂସ୍ଥାକୁ ବହୁବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ।

- ସିଦ୍ଧାର୍ଥ ପଣ୍ଡା, ଅଧକ୍ଷ, ଜନତା ମହାବିଦ୍ୟାଳୟ

### ପ୍ରମାଣ ମିଳିଲେ କଠୋର ପଦକ୍ଷେପ



"ଦୁଇଗୁଣ ଭଡ଼ା ନେବା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ। ସରକାରୀ ସ୍ତରରେ ଯାହା ନିର୍ଦ୍ଧାରଣ କରାଯାଇଛି, ତାହା ଆଦାୟ ପାଇଁ କଣ୍ଡକ୍ଟରମାନଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ଛାତ୍ରୀଛାତ୍ର ଭଡ଼ା ବାବଦ ଟିକେଟ୍ ସଂଗ୍ରହ କରନ୍ତୁ। ଯେଉଁମାନେ ୨ ଗୁଣ ଭଡ଼ା ନେଉଥିବା ପ୍ରମାଣ ମିଳିବ ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ।

-ଋଷଭ କୁମାର ତ୍ରିପାଠୀ, ସମ୍ପାଦକ ବସ୍ ମାଲିକ ସଂଘ, ଆଠମଲ୍ଲିକ

## ସଂକ୍ଷେପରେ

### ପାଣି ଫ୍ୟାକ୍ଟ୍ରି ମାଲିକ ଦେଲେ ଜରିମାନା

ଅନୁଗୋଳ ଅଫିସ, ୨୧।୧: ଅନୁଗୋଳ ଉପଖଣ୍ଡ ବହୁମୁଖୀ ଶୃଙ୍ଖଳା କମିଟି ପକ୍ଷରୁ ବୁଧବାର ସହରର ବିଭିନ୍ନ ପାଣି ଫ୍ୟାକ୍ଟ୍ରି ଉପରେ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉ ବେଳେ ପାଣି ଜାର୍‌ଗୁଡ଼ିକୁ ବ୍ୟବସ୍ଥିତ ଢଙ୍ଗରେ ସଫା କରାଯାଉ ନ ଥିବା ଜଣାପଡ଼ିଥିଲା। ଜାର୍‌ଗୁଡ଼ିକୁ କ୍ଲୋରିନ୍ ପରିବର୍ତ୍ତେ ସାଧାରଣ ଡିଟରଜେଣ୍ଟରେ ସଫା କରାଯାଉଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ସେହିପରି ପାଣି ପ୍ୟାକିଂ କରୁଥିବା ଅଧିକାଂଶ କର୍ମଚାରୀ ଅଣ ତାଲିପ୍ରାପ୍ତ ହୋଇଥିବା ବେଳେ ନିରାପତ୍ତା କିଟ୍ ପରିଧାନ କରି ନ ଥିବା ଟିମ୍ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନ ଥିବା ଜାଣିବା ପରେ ଉକ୍ତ ପାଣି ଯୋଗାଣକାରୀ ସଂସ୍ଥାଗୁଡ଼ିକ ନିକଟରୁ ଜିଲା ପ୍ରଶାସନ ଗୁରୁବାର ଜରିମାନା ଆଦାୟ କରିଛି। ପ୍ରତ୍ୟକ ଜଳ ଯୋଗାଣ ସଂସ୍ଥା ୧୫ ହଜାର ଟଙ୍କା ଲେଖାଏ ଜରିମାନା ପ୍ରଦାନ କରିଥିବା ବହୁମୁଖୀ ଶୃଙ୍ଖଳା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ୨ ଚୋରି ଅଭିଯୁକ୍ତ ଗିରଫ

କଣିହାଁ,୨୧।୧(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ପୋଲିସ ଗୁରୁବାର ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ଜଣାଯାଏ, ସମଲ ବ୍ୟାରେଜ ଆନିକଟ ଜଳ ଭଣ୍ଡାର ପାଇଁ ରହିଥିବା ଗେଟ୍‌ର ୪୦ରୁ ଊର୍ଦ୍ଧ୍ୱ ରେଡିଆଲ କଭର ଚୋରି ହୋଇଥିବା ନେଇ ବ୍ୟାରେଜ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୨/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। କୁଲେଇ ଗ୍ରାମର ପାଗଲ ସାମଲ ଓରଫ ଜୟନ୍ତ(୨୮) ଓ ଭୀମସେନ ସାମଲ(୩୫)ଙ୍କୁ ଅଟକ ରଖି ପଚରାଉଚରା ବେଳେ ଉଭୟେ ଚୋରି ସମ୍ପର୍କରେ ସ୍ୱୀକାର କରିଥିଲେ। ଏଥିସହିତ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଦୁହିଁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ସଡ଼କ ସୁରକ୍ଷା ସପ୍ତାହ ପାଳନ

ଛେଣ୍ଡିପଦା,୨୧।୧(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ଆମ୍ବେଡକର ପାଉଣ୍ଡେଶନ ଛେଣ୍ଡିପଦା ଶାଖା ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଆମ୍ବେଡକର ଫାଉଣ୍ଡେଶନର ସମସ୍ତ କର୍ମକର୍ତ୍ତା, ବାପୁଜୀ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ଓ ଛେଣ୍ଡିପଦା ଥାନା କର୍ମଚାରୀମାନେ ଥାନା ଛକ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ପରେ କର୍ମକର୍ତ୍ତାମାନେ ବଜାର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଶାଖା ସଭାପତି ଭିକାରାମ ନାଏକ, ଅନୁଗୋଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଉଦୟନାଥ ବେହେରା ଯୋଗ ଦେଇଥିଲେ।

### ମଦ ଜବତ, ଜଣେ ଗିରଫ

କଣିହାଁ,୨୧।୧(ଡି.ଏନ.ଏ.): କଣିହାଁ ଥାନା ପୋଲିସ ଗୁରୁବାର ବିଦେଶୀ ମଦ ବିକ୍ରି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ଜଣାଯାଏ, ବୁଧବାର ରାତି ୮ଟା ବେଳେ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଦଣ୍ଡସିଂହା ଗ୍ରାମର ଗ୍ରସେରି ଦୋକାନରେ ଚଢ଼ାଉ କରି ୧୨.୭ ଲିଟର ବିଦେଶୀ ମଦ ଜବତ କରିବା ସହ ଦୋକାନୀ ସଦାନନ୍ଦ ସାମଲଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୨୯/୨୦୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ସଦାନନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରାଜେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଟେଣ୍ଟୁଲୋଇ ଚାମ୍ପିୟନ

ବଇଣ୍ଡା,୨୧।୧(ଡି.ଏନ.ଏ.): କିଶୋରନଗର ବ୍ଲକ କଣ୍ଟେଇକୁଳିଆ ଗ୍ରାମ ଖେଳ ପଡିଆରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜନତା ମହାବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ ମାଛକୁଟା ଓ ଟେଣ୍ଟୁଲୋଇ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଟେଣ୍ଟୁଲୋଇ ୩/୦ରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଇଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁରେନ୍ଦ୍ର ମିଶ୍ର ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ପୂର୍ବତନ ସରପଞ୍ଚ ଅମାନ୍ତ କୁମାର ସାହୁ, ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



### ସହଯୋଗୀ ମାଗିଲେ ତଦନ୍ତକାରୀ ଅଧିକାରୀ

'ନୋଟ୍ ଦେଲେ ନେଗେଟିଭ୍' ଘଟଣା

ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନା କୋଭିଡ୍ ପରୀକ୍ଷାରେ ଲୋକଙ୍କୁ ନେଗେଟିଭ୍ ରିପୋର୍ଟ ପ୍ରଦାନ କରାଯାଉଥିବା ଅଭିଯୋଗ ସମ୍ପର୍କରେ ବୁଧବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ଅଭୟ କୁମାର ଦାଶ ଗମ୍ଭୀରତାର ସହ ନେଇ ତଦନ୍ତ ପାଇଁ ଜଣେ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀ ଏଥିରେ ସହଯୋଗ ପାଇଁ ଆଉ ଜଣେ ସଦସ୍ୟ ଲୋଡ଼ିଛନ୍ତି। ଏଥିପାଇଁ ସେ ସିଡିଏମ୍‌ଓଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସିଡିଏମ୍‌ଓ କହିଛନ୍ତି, ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ବିଭାଗୀୟ କର୍ମଚାରୀ ରହିଛନ୍ତି। ସେ ନିଜେ ଟିମ୍ କରି ଏହାର ତଦନ୍ତ କରିବା କଥା।

### ୧୧ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ଜିଲାରୁ ଗୁରୁବାର ୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୨୦୧ରେ ପହଞ୍ଚିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୪ଜଣ ଚିହ୍ନଟ ହୋଇଥିବାବେଳେ ବଅଁରପାଳ ବ୍ଲକ୍‌ରୁ ୪ ଓ ଅନୁଗୋଳ ପୌରାଞ୍ଚଳରୁ ୩ଜଣ ରହିଛନ୍ତି। ଅନ୍ୟପକ୍ଷରେ ତାଳଚେର, ପାଲଲହଡା, ଅନୁଗୋଳ, କିଶୋରନଗର, ଆଠମଲିକ ଓ କଣିହାଁରୁ କୌଣସି ରୋଗୀ ଚିହ୍ନଟ ହୋଇନାହାନ୍ତି। ସେହିପରି ଦିନକରେ ଜିଲାରୁ ୧୧ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୫୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ

ଅନୁଗୋଳ ଅଫିସ, ୨୧।୧

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ଅନୁଗୋଳ ବ୍ଲକସ୍ତରୀୟ ସମନ୍ୱୟ ମେଳା ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉତ୍ପାଦିତ ସାମଗ୍ରୀ ବିକ୍ରୟ ପାଇଁ ୬ଟି ଷ୍ଟଲ୍ ଯୋଗାଇ ଦିଆଯାଇଥିଲା। ୨୭ଟି ବ୍ୟାଙ୍କ ୫୪୮ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ୍ ୧୦ କୋଟି ୯୬ ଲକ୍ଷ ୭ ହଜାର ଟଙ୍କାର ଋଣ ପ୍ରଦାନ କରିଥିବା ଅନୁଗୋଳ ବିଡିଓ ଅଂଶୁମାନ ଶତପଥୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ରଥ, ଏଲ୍‌ଡିଏମ୍ ମହେଶ୍ୱର ଗୌଡ଼, ଜିଲା ପ୍ରକଳ୍ପ ପରିଚାଳକ ଚନ୍ଦନ କୁମାର ବେହେରା, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ମଲ୍ଲିକ, ସଂଯୁକ୍ତ ସମବାୟ ବ୍ୟାଙ୍କର ସମ୍ପାଦକ ଭକ୍ତେଶ୍ୱର ମଲ୍ଲିକ, ହେମନ୍ତ ପାଣିଗ୍ରାହୀ ଓ ନିରୋଜ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ପରିଷଦ କକ୍ଷରେ ଅନୁଷ୍ଠିତ ସମନ୍ୱୟ ମେଳା।

### କୋଭିଡ୍ ନିରାକରଣ ସଚେତନତା

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଭର୍ଚୁଆଲ୍ ମାଧ୍ୟମରେ କୋଭିଡ୍-୧୯ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଶରତ ଦେହୁରୀଙ୍କ ପରାମର୍ଶରେ କାର୍ଯ୍ୟକ୍ରମରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିଶା ଅଗ୍ରୱାଲ, ଦ୍ୱିତୀୟଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମୟୀ ନନ୍ଦ ଯୋଗଦେଇ କୋଭିଡ୍ କଟକଣା ସମ୍ପର୍କରେ ଆଲୋକପାତ କରିଥିଲେ। ବିଚାରପତି ଦୀପ୍ତିରଞ୍ଜନ କାନୁନ୍‌ଗୋ, ରାଜକିଶୋର ମହାପାତ୍ର, ମୁକ୍ତିରଞ୍ଜନ ଶତପଥୀ, ଛାୟାକାନ୍ତ ଦାସ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ମୈତ୍ରୀ ସାମନ୍ତରାୟ, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ସିଭିଲକୋର୍ଟ ରେଜିଷ୍ଟ୍ରାର ଲୋପାମୁଦ୍ରା ପଣ୍ଡା ଉପସ୍ଥିତ ଥିଲେ।

## ବଣ୍ଟାଯିବ ଭୋଟର ପରିଚୟପତ୍ର


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ବଇଣ୍ଡା/ ଆଠମଲ୍ଲିକ,୨୧।୧(ଡି.ଏନ.ଏ.)

ଜାତୀୟ ମତଦାତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର ଲମ୍ବୋଦର ମାରାଣ୍ଡି, ଆଠମଲ୍ଲିକ ବିଡିଓ ସଞ୍ଜୟ ଆଚାର୍ଯ୍ୟ, ତହସିଲଦାର ଡ. ସ୍ୱରୁପାନନ୍ଦ ସାହୁ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଆଠମଲ୍ଲିକ କଲେଜ ଅଧକ୍ଷ ଅଶୋକ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ଜାତୀୟ ମତଦାତା ଦିବସ କିଭଳି ପାଳନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମ ସହ ନୂତନ ଭୋଟର ପରିଚୟପତ୍ର ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଞ୍ଝାମୁରା କ୍ଲବ ଚାମ୍ପିୟନ

ବଇଣ୍ଡା,୨୧।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବ୍ରାହ୍ମଣୀପାଲି ଗ୍ରାମ ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆମ୍ବପାଳ କ୍ରିକେଟ କ୍ଲବକୁ ହରାଇ ସଞ୍ଝାମୁରା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ବ୍ଲକ ଅଧକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର ସାହୁ, କାଳନ୍ଦୀଚରଣ ପ୍ରଧାନ ଯୋଗ ଦେଇଥିଲେ।


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

କଣିହାଁ,୨୧।୧(ଡି.ଏନ.ଏ.)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ଶିବପ୍ରସାଦ ମିଶ୍ରଙ୍କୁ ଗୁରୁବାର ସମଲ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଏକଘରିଆ ଗ୍ରାମର ନିରାକାର ଶତପଥୀଙ୍କ ଝିଅ ନିହାରିକା ଶତପଥୀ ୪ ବର୍ଷ ପୂର୍ବେ ଅନୁଗୋଳ ଥାନା ସଟରଙ୍ଗ ଗ୍ରାମର ଶିବପ୍ରସାଦ ମିଶ୍ରଙ୍କୁ ବିବାହ କରିଥିଲେ। ସ୍ୱାମୀ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିବା ନେଇ ନିହାରିକା ସମଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ବୁଝାଶୁଝା କରିଥିଲା। କିନ୍ତୁ ଶିବପ୍ରସାଦ ପୁଣି ନିର୍ଯାତନା ଦେବାରୁ ନିହାରିକା ଥାନାକୁ ଆସି ଅଭିଯୋଗ କରିବା ପରେ ପୋଲିସ ନଂ. ୦୨/୨୦୨୧ରେ ମାମଲା ରୁଜୁ କରିଥିଲା।

## ଜଟିଳ ହେଉଛି ଆଲୁମିନିୟମ ପରିବହନ ବିବାଦ

ଅନୁଗୋଳ ଅଫିସ/ବଅଁରପାଳ, ୨୧।୧

ଟ୍ରକ୍ ଯୋଗେ ଆଲୁମିନିୟମ ପରିବହନ ପାଇଁ ଭଡ଼ା ନିର୍ଦ୍ଧାରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଗଠନ ହୋଇଥିବା ବୈଷୟିକ କମିଟିର ରିପୋର୍ଟକୁ ନାଲ୍‌କୋ ବେଖାତିର କରିବା ଓ ଜିଲା ପ୍ରଶାସନ ପୁର୍ନବାର କୌଣସି ପଦକ୍ଷେପ ନ ନେବା ପ୍ରତିବାଦରେ ଗୁରୁବାର ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ ଓ କୁଲାଡ଼ସ୍ଥିତ ନାଲ୍‌କୋନଗର ଟ୍ରକ୍ ମାଲିକ ସଂଘ ପକ୍ଷରୁ ନାଲ୍‌କୋ ସ୍ମେଲଟର ଗେଟ୍ ଓ ରେଳ ଧାରଣାରେ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନକାରୀଙ୍କ ମଧ୍ୟରୁ ୨୮ଜଣଙ୍କୁ ପୋଲିସ ଗିରଫ କରିଛି ବୋଲି ଜିଲା ଟ୍ରକ୍ ମାଲିକ ସଂଘ ଖବରଦାତା ସମ୍ମିଳନୀ ଅଭିଯୋଗ କରିଛି। ସମସ୍ୟାର ସମାଧାନ କରା ନ ଗଲେ ଟ୍ରକ୍ ମାଲିକମାନେ ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସଭାପତି ବିଭୂତି ପ୍ରସାଦ ଦାସ କହିଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି ଯେ, ନାଲ୍‌କୋ ଦ୍ୱାରା କ୍ଷତିଗ୍ରସ୍ତ ବହୁ ପରିବାର ଟ୍ରକ୍ କରି ରୋଜଗାର କରୁଛନ୍ତି। ନାଲ୍‌କୋରୁ ଦୀର୍ଘ ୩୦ ବର୍ଷ ହେବ ଦେଶର ବିଭିନ୍ନ ସ୍ଥାନକୁ ସୁରକ୍ଷିତ ଭାବେ ଆଲୁମିନିୟମ


ଟ୍ରକ୍ ମାଲିକମାନେ ଆନ୍ଦୋଳନ କରୁଛନ୍ତି।

ପରିବହନ ଟ୍ରକ୍ ଯୋଗେ କରାଯାଉଛି। କିନ୍ତୁ ଏବେ ନାଲ୍‌କୋ କର୍ତ୍ତୃପକ୍ଷ ଟ୍ରେନ୍ ଯୋଗେ ଆଲୁମିନିୟମ ପରିବହନ କରୁଥିବାବେଳେ ଟ୍ରକଗୁଡ଼ିକୁ ଅନୁମତି ଦିଆଯାଉନାହିଁ। ଫଳରେ ଟ୍ରକ୍ ମାଲିକମାନେ ହାତବନ୍ଧି ବସିଛନ୍ତି। ଗତ ଡିସେମ୍ବର ୨୪ରେ ଟ୍ରକ୍ ମାଲିକମାନେ ଧାରଣାରେ ବସିଥିଲେ। ଜିଲାପାଳଙ୍କ ନିକଟରେ ଖବର ପହଞ୍ଚିବା ପରେ ଏକ ତ୍ରିପାକ୍ଷୀକ ଆଲୋଚନା ହୋଇଥିଲା। ଟ୍ରକ୍ ଭଡ଼ା ନିର୍ଦ୍ଧାରଣ ନିମନ୍ତେ ଜିଲାସ୍ତରୀୟ ବୈଷୟିକ କମିଟି ଗଠନ ସହ ୭ ଦିନ ମଧ୍ୟରେ ରିପୋର୍ଟ ଦେଲେ ତାହାକୁ ମାନିବାକୁ ପ୍ରଶାସନ କହିଥିଲା। ତେବେ ସମୟସୀମା ଶେଷହୋଇ ସାରିଥିଲେ ମଧ୍ୟ ରିପୋର୍ଟ ସମ୍ପର୍କରେ ଟ୍ରକ୍ ମାଲିକମାନଙ୍କୁ

- ନାଲ୍‌କୋ ସ୍ମେଲଟର ଗେଟ୍ ଓ ରେଳ ଧାରଣାରେ ଆନ୍ଦୋଳନ
- ଟ୍ରକ୍ ମାଲିକ ସଂଘର ୨୮ ସଦସ୍ୟ ଗିରଫ ଅଭିଯୋଗ
- ଦାବି ପୂରଣ ନ ହେଲେ ଜିଲା କାର୍ଯ୍ୟାଳୟ ଘେରାଉ ଚେତାବନୀ

ଅବଗତ କରାଯାଇନାହିଁ। ରାଜ୍ୟ ପରିବହନ କମିଶନ କିଲୋମିଟର ପିଛା ୬୬ ଟଙ୍କା ଭଡ଼ା ବୃଦ୍ଧି କରିଛନ୍ତି। କିନ୍ତୁ ଏହି ତୁଳନାରେ ସଂଘ ଯଥେଷ୍ଟ କମ୍ ଭଡ଼ା ନେଉଛି। ଏ ନେଇ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ଦାବି ଉପରେ ବିଚାର କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଭାପତି ଦାସଙ୍କ ସହ ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ଉପସଭାପତି ପ୍ରମୋଦ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସ୍ୱାଇଁ, ଉତ୍କଳ କୁମାର ଦାସ, କୁଲାଡ଼ସ୍ଥିତ ନାଲ୍‌କୋ ଟ୍ରକ୍ ମାଲିକ ସଂଘ ସଭାପତି ରାଜୀବ ଦାସ, ସାଧାରଣ ସମ୍ପାଦକ ରଞ୍ଜିତ ସେଠ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ଦାସ, କୁଲାଡ଼ସ୍ଥିତ ନାଲ୍‌କୋ ଟ୍ରକ୍ ମାଲିକ ସଂଘ ଉପସଭାପତି ତପନ ସାମନ୍ତ ସିଂ, ମୁକେଶ ଜେନା, ବିଭୂତି ଜେନା, ଠିକାଦାର ସଂଘ ସଭାପତି ରଞ୍ଜନ ଜେନା, ଅଶୋକ ସ୍ୱାଇଁଙ୍କ ସମେତ ବହୁ ଟ୍ରକ୍ ମାଲିକ ସାମିଲ ଥିଲେ।

